The Odisha Gazette

EXTRAORDINARY

PUBLISHED BY AUTHORITY

No. 919 CUTTACK, MONDAY, APRIL 8, 2024/CHAITRA 19, 1946

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଅଧିସୂଚନା

No. 4946--RDM-LAA-BLS-0012/2023-R&DM, Dated 22-02-2024

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ବାଲେଶ୍ୱର ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଆମ୍ବପୁଞ୍ଜା ମାଇନର ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌ- **ଆମ୍ବପୁଞ୍ଜା**, ଥାନା- ବସ୍ତା ନଂ. ୨୨୨, ତହସିଲ- ବାଲେଶ୍ୱର, ଜିଲ୍ଲା- ବାଲେଶ୍ୱରରେ ନିମ୍ନ ତଫସିଲ ମତେ ପ୍ରାୟ **ଏ. ୦.୭୩** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୁପ- ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଆମ୍ବପୁଞ୍ଜା ମାଇନର ନିର୍ମାଣ ନିମନ୍ତେ ।

୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଅଧିକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି,ମୟୂରଭଞ୍ଜ।

୩-କ୍ଷତିଗ୍ରସ୍ତ ଲୋକଙ୍କ ବିଜ୍ଞାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରି କରିବା।

୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।

୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପ ଜିଲ୍ଲାପାଳ, ବାଲେଶ୍ୱର ।

୬- ଜମିର ବିବରଣୀ-

ଜିଲ୍ଲା	ତହସିଲ	ଗ୍ରାମ	ଗ୍ରାମାଞ୍ଚଳ / ସହରାଞ୍ଚଳ	ଖାତା ନଂ	ପ୍ଲଟ୍ ନଂ	ପ୍ଲଟ୍ ର ମୋଟ ରକବା	ଅଧିସୂଚୀତ ଜମିର ରକବା	ରୟତ୍ର ନାମ
ବାଲେଶ୍ୱର	ବାଲେଶ୍ୱର	ଆମ୍ବପୁଞ୍ଜା	ଗ୍ରାମାଞ୍ଚଳ	ଏଥି ସହିତ ସଂଲଗ୍ନ	ଏଥି ସହିତ ସଂଲଗ୍ନ	ଏ. ୨.୪୭	ଏ. ୦.୭୩	ଏଥି ସହିତ ସଂଲଗ୍ନ

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ,ଲକ୍ଷ୍ମୀପୋଷି, ବାରିପଦା,**ମୟୂରଭଞ୍ଜଙ୍କ** କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି **ବାଲେଶ୍ୱର** ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ଭୂମି ଅନୁସୂଚୀ

ଭୂଅର୍ଜ୍ଜନ ମାମଲା ସଂଖ୍ୟା- ୫୫/୨୦୨୨
ଏ.୦.୭୩.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଆମ୍ବପୁଞ୍ଜା ମାଇନର ନିମନ୍ତେ
ମୌଜା- ଆମ୍ବପୁଞ୍ଜା, ଥାନା-ବସ୍ତା, ନଂ-୨୨୨, ତହସିଲ- ବାଲେଶ୍ୱର, ଜିଲ୍ଲା-ବାଲେଶ୍ୱର

ଖାତା ନଂ ଓ ସତ୍ୱ	ପ୍ଲଟ ନଂ	ମୋଟ ରକବା	ଆକ୍ୟୁଆର ରକବା	କିସମ	ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ
୧	୨	୩	୪	୫	୬
୨୨୩/୬୭	୨୪/୫୫୯	୦.୮୮	୦.୧୮	ଚକ ନଂ ୭	ଶ୍ରୀବତ୍ସ ପ୍ରହରାଜ ପି:ଭୋଳାନାଥ ପ୍ରହରାଜ ଜା: ବ୍ରାହ୍ମଣ ବା: ନିଜଗାଁ
୨୨୩/୬୯	୨୪/୫୬୧	୦.୫୮	୦.୨୦	ଚକ ନଂ ୭	ଶ୍ରୀହରି ପ୍ରହରାଜ ପି:ଭୋଳାନାଥ ପ୍ରହରାଜ ଜା: ବ୍ରାହ୍ମଣ ବା: ନିଜଗାଁ
୨୨୩/୭୦	୨୪	୦.୮୧	୦.୨୮	ଚକ ନଂ ୭	ଶ୍ରୀନିବାସ ପ୍ରହରାଜ ପି:ଭୋଳାନାଥ ପ୍ରହରାଜ ଜା: ବ୍ରାହ୍ମଣ ବା: ନିଜଗାଁ
୨୨୩/୧୪୨	୨୨	୦.୧୦	୦.୦୩	ଚକ ନଂ ୬	ଅଶ୍ୱିନୀ କୁମାର ପାଢୀ ପି:ରମାକାନ୍ତ ପାଢୀ ଜା: ବ୍ରାହ୍ମଣ ବା: ନିଜଗାଁ
୨୨୩/୧୪୩	୨୩	୦.୧୦	୦.୦୪	ଚକ ନଂ ୨	ଅଶ୍ୱିନୀ କୁମାର ପାଢୀ ପି:ରମାକାନ୍ତ ପାଢୀ ଜା: ବ୍ରାହ୍ମଣ ବା: ନିଜଗାଁ
ମୋଟ	୫ ପ୍ଲଟକୁ	ଏ. ୨.୪୭	ଏ. ୦.୭୩		

ରାଜ୍ୟପାଳଙ୍କ ଆଦେଶକ୍ରମେ
ନୃସିଂହ ଚରଣ ସ୍ୱାଇଁ
ସ୍ୱତନ୍ତ୍ର ଶାସନ ସଚିବ

Printed and Published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 159—173+30